# NATIONAL NEWS BULLETIN (ODIA)
## 5 July - 2024
## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ଆସାମରେ ବନ୍ୟା ପରିସ୍ଥିତି ଜଟିଳ, ୨୧ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ।
- ୨୨ତମ ଭାରତ-ରୁଷ୍ ବାର୍ଷିକ ଶିଖର ସମ୍ମିଳନୀରେ ଯୋଗଦେବାଲାଗି ରୁଷ୍ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଚଳିତ ଶିକ୍ଷାବର୍ଷରୁ ତୃତୀୟ ଏବଂ ଷଷ୍ଠ ଶ୍ରେଣୀ ପାଇଁ ପ୍ରଣୟନ କରାଯିବ ନୂଆ ପାଠ୍ୟପୁସ୍ତକ ।
- ଉତ୍ତରପ୍ରଦେଶ ହାଥରସ ଦଳାଚକଟା ଘଟଣାର ତଦନ୍ତ ଲାଗି ଗଠିତ କମିଶନର ପ୍ରଥମ ବୈଠକ ଅନୁଷ୍ଠିତ ।

ଏବଂ

- ଭୁବନେଶ୍ୱରରେ ଆଜିଠାରୁ ଆରମ୍ଭ ହେଉଛି ଦିବ୍ୟ କଳା ମେଳା ।

# ଆସାମ ଫ୍ଲଡ

ଆସାମରେ ବନ୍ୟା ପରିସ୍ଥିତି ଗମ୍ଭୀର ପରିସ୍ଥିତି ଧାରଣ କରିଛି । ଲଗାତର ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ୨୯ଟି ଜିଲ୍ଲାରେ ୨୧ଲକ୍ଷରୁ ଅଧିକ ଲୋକ ବନ୍ୟା ପ୍ରଭାବିତ ହୋଇଛନ୍ତି । ଗତକାଲି ରାଜ୍ୟପାଳ ଗୁଲାବ ଚାନ୍ଦ କାଟାରିଆ ରାଜ୍ୟର ବନ୍ୟା ପ୍ରଭାବିତ ମୋରିଗାଁ ଜିଲ୍ଲା ପରିଦର୍ଶନ କରି ପ୍ରଭାବିତ ଲୋକଙ୍କ ସହ କଥା ହୋଇଛନ୍ତି । ପରିସ୍ଥିତିର ସମୀକ୍ଷା କରି ଜିଲ୍ଲା ପ୍ରଶାସନକୁ ପ୍ରଭାବିତ ଲୋକଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବାଲାଗି ରାଜ୍ୟପାଳ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମା ମଜୌଲୀ, ଧେମାଜୀ ଏବଂ ଲକ୍ଷ୍ମୀପୁର ଗସ୍ତ କରି ସ୍ଥିତି ସମୀକ୍ଷା କରିଛନ୍ତି ।

ସୂଚନା ଅନୁଯାୟୀ ଗତ ୨୪ଘଣ୍ଟା ମଧ୍ୟରେ ବନ୍ୟାରେ ଆଉ ୬ ଜଣଙ୍କ ପ୍ରାଣହାନୀ ଘଟିଛି । ଏପର୍ଯ୍ୟନ୍ତ ଆସାମରେ ବନ୍ୟାଜନିତ ପରିସ୍ଥିତି ଯୋଗୁଁ ୫୨ଜଣଙ୍କ ମୃତ୍ୟୁ ହୋଇଛି । ୧୦୭ଟି ରାଜସ୍ୱ ଅଞ୍ଚଳର ୩ହଜାର ୨୦୦ ଗ୍ରାମ ଏହି ବନ୍ୟାରେ ପ୍ରଭାବିତ ହୋଇଥିବାବେଳେ ୫୭ହଜାର ହେକ୍ଟରରୁ ଅଧିକ ଚାଷଜମି ବନ୍ୟା ପ୍ରଭାବିତ ହୋଇଛି । ବ୍ରହ୍ମପୁତ୍ର, ବାରାକ୍ ଏବଂ ଏହାର ଶାଖାନଦୀ ଗୁଡ଼ିକ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି ।

ଗତ ୨୪ଘଣ୍ଟା ମଧ୍ୟରେ ବନ୍ୟାଜଳ ପ୍ରବାହିତ ହୋଇ ୧୪୫ଟି ରାସ୍ତା, ୧୩ଟି ନଦୀବନ୍ଧ ଏବଂ ୨ଟି ପୋଲ କ୍ଷତିଗ୍ରସ୍ତ ହୋଇଛି । ଇତିମଧ୍ୟରେ ପାଣିପାଗ ବିଭାଗ ଆସାମ ଏବଂ ଏହାର ପଡୋଶୀ ଅରୁଣାଚଳପ୍ରଦେଶରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ସୂଚନା ଦେଇଛି । ବନ୍ୟା ପ୍ରଭାବିତ ଲୋକମାନଙ୍କୁ ୨୪୭ ରିଲିଫ କ୍ୟାମ୍ପରେ ରଖାଯାଇଥିବାବେଳେ ୪୫୧ଟି ରିଲିଫ ବିତରଣ କେନ୍ଦ୍ରରୁ ସହାୟତା ଯୋଗାଇ ଦିଆଯାଉଛି । ସେନା ସମେତ ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍‌କୁ ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି ।

## ପିଏମ୍-ରୁଷ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତମାସ ୮ ଓ ୯ ତାରିଖରେ ରୁଷ୍ ଗସ୍ତ କରିବେ । ବିଦେଶ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ମସ୍କୋରେ ଆୟୋଜିତ ହେବାକୁ ଥିବା ୨୨ତମ ଭାରତ-ରୁଷ୍ ବାର୍ଷିକ ଶିଖର ସମ୍ମିଳନୀରେ ଯୋଗଦେବେ । ସମ୍ମିଳନୀରେ ଉଭୟ ନେତା ଦ୍ୱିପାକ୍ଷିକ ହିତ ସମେତ ବିଶ୍ୱ ସମସ୍ୟା ଉପରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

ଏହାପରେ ପ୍ରଧାନମନ୍ତ୍ରୀ ମୋଦୀ ଜୁଲାଇ ୯ ଏବଂ ୧୦ ତାରିଖରେ ଅଷ୍ଟ୍ରିଆ ଯିବେ । ଗତ ୪୧ବର୍ଷ ମଧ୍ୟରେ ଭାରତର ପ୍ରଧାନମନ୍ତ୍ରୀ ହିସାବରେ ଅଷ୍ଟ୍ରିଆକୁ ଏହା ପ୍ରଥମ ଗସ୍ତ ହେବ । ଶ୍ରୀ ମୋଦୀ ଅଷ୍ଟ୍ରିଆର ରାଷ୍ଟ୍ରପତି ଆଲେକଜାଣ୍ଡାର ଓ୍ୱାନ୍ ଡେ ବେଲେନ୍‌ଙ୍କ ସହିତ ସାକ୍ଷାତ୍ ଆଲୋଚନା କରିବେ । ସେଠାକାର ଚାନ୍ସଲର କାର୍ଲ୍ ନେହମରଙ୍କ ସହ ମଧ୍ୟ ଶ୍ରୀ ମୋଦୀ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଉଭୟ ଦେଶ ମଧ୍ୟରେ ଥିବା ବାଣିଜ୍ୟିକ ପ୍ରସଙ୍ଗରେ ଆଲୋଚନା ହେବ । ଏହି ଅବସରରେ ପ୍ରଧାନମନ୍ତ୍ରୀ ମସ୍କୋ ଏବଂ ଭିଏନାରେ ବସବାସ କରୁଥିବା ଭାରତୀୟ ବଂଶୋଦ୍ଭବଙ୍କ ମଧ୍ୟ ଆଲୋଚନା କରିବେ ।

## ଏନ୍‌ସିଇଆର୍‌ଟି-ପ୍ରଧାନ

ଚଳିତ ୨୦୨୪-୨୫ ଶିକ୍ଷାବର୍ଷରୁ ତୃତୀୟ ଏବଂ ଷଷ୍ଠ ଶ୍ରେଣୀରେ ନୂଆ ପାଠ୍ୟପୁସ୍ତକ ପ୍ରଣୟନ କରାଯିବ । ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ନୂଆ ପାଠ୍ୟପୁସ୍ତକ ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଉଭୟ ତୃତୀୟ ଓ ଷଷ୍ଠ ଶ୍ରେଣୀ ପାଇଁ ୯ଟି ପାଠ୍ୟପୁସ୍ତକ

ଉପଲବ୍ଧ ହେଉଛି । ଅନ୍ୟ ୮ଟି ପାଠ୍ୟପୁସ୍ତକ ଖୁବ୍‌ଶୀଘ୍ର ଉପଲବ୍ଧ ହେବ ବୋଲି ଜଣାପଡିଛି । ଗତକାଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପାଠ୍ୟପୁସ୍ତକ ପ୍ରସ୍ତୁତି ନେଇ ଏନ୍.ସି.ଇ.ଆର୍.ଟି ପାଠ୍ୟପୁସ୍ତକ ପ୍ରସ୍ତୁତି କମିଟି ସିବିଏସ୍‌ଇ ଅଧ୍ୟକ୍ଷ ଏବଂ ଅନ୍ୟ ଅଧିକାରୀଙ୍କ ସହ ବୈଠକ କରିଥିଲେ । ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ନୂଆ ଶିକ୍ଷାନୀତି ୨୦୨୦ରେ ଛାତ୍ରଛାତ୍ରୀମାନଙ୍କୁ କମ୍ ଦରରେ ଉଚ୍ଚମାନର ପାଠ୍ୟପୁସ୍ତକ ଯୋଗାଇ ଦିଆଯିବ । ଯାହା ଶିକ୍ଷଣ ବ୍ୟବସ୍ଥାକୁ ଚାପମୁକ୍ତ କରିବାରେ ସାହାଯ୍ୟ କରିବ । ଏହି ଶିକ୍ଷାନୀତି ଅନୁଯାୟୀ ଏନ୍.ସି.ଇ.ଆର୍.ଟି ପକ୍ଷରୁ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ନୂଆ ପାଠ୍ୟପୁସ୍ତକର ବିକାଶ କରାଯାଇଛି ।

## ରାଜ୍ୟସଭା ପ୍ରୋରୋଗ୍‌ଡ

ରାଜ୍ୟସଭାକୁ ଅନିର୍ଦ୍ଧିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି । ଗତକାଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଜ୍ୟସଭାକୁ ଅନିର୍ଦ୍ଧିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଥିଲେ । ଅଷ୍ଟାଦଶ ଲୋକସଭା ପାଇଁ ନିର୍ବାଚନ

ପରେ ଏହାର ପ୍ରଥମ ଅଧିବେଶନ ଜୁନ୍ ୨୪ରୁ ଏବଂ ରାଜ୍ୟସଭାର ୨୬୪ତମ ଅଧିବେଶନ ଜୁନ୍ ୨୭ରୁ ଆରମ୍ଭ ହୋଇଥିଲା । ଲୋକସଭାକୁ ଜୁଲାଇ ୨ ତାରିଖରେ ଅନିର୍ଦ୍ଧିଷ୍ଟ କାଳ ପାଇଁ ମୁଲତବୀ ରଖାଯାଇଥିଲା ।

## ପିଏମ୍-ଏସ୍‌ସିଓ

କୌଣସି ପ୍ରକାର ଆତଙ୍କବାଦ କିମ୍ବା ଏହାର କୌଣସି ରୂପକୁ ଯୁକ୍ତିଯୁକ୍ତ ବୋଲି ପ୍ରମାଣ କରାଯାଇ ପାରିବ ନାହିଁ କିମ୍ବା କ୍ଷମା କରାଯାଇ ପାରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ସେ କହିଛନ୍ତି ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା ଏବଂ ପ୍ରୋତ୍ସାହନ ଦେଉଥିବା ଦେଶଗୁଡ଼ିକୁ ଆନ୍ତର୍ଜାତୀୟ ସମୁଦାୟ ଅଲଗା କରି ଲୋକଲୋଚନକୁ ଆଣିବା ଉଚିତ୍ । କାଜକିସ୍ତାନର ଅସ୍ତାନଠାରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଂଗଠନ ସମ୍ମିଳନୀକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ଆତଙ୍କବାଦର ମୁକାବିଲା ଲାଗି ପ୍ରାଥମିକତା ଦିଆଯିବା ଆବଶ୍ୟକ । ସେ କହିଛନ୍ତି ସୀମାପାର ଆତଙ୍କବାଦକୁ ନିର୍ଣ୍ଣାୟକ ଜବାବଦୋର ଆବଶ୍ୟକତା ରହିଛି । ଏବଂ ଆତଙ୍କବାଦକୁ ପାଣ୍ଠି

ଯୋଗାଣକୁ ଦୃଢ଼ତାର ସହ ମୁକାବିଲା କରାଯିବାକୁ ପଦକ୍ଷେପ ନିଆଯିବା ଆବଶ୍ୟକ । ସେ ଯୁବକମାନଙ୍କ ମଧ୍ୟରେ ଉଗ୍ରବାଦର ପ୍ରସାରକୁ ରୋକିବା ପାଇଁ ସକ୍ରିୟ ପଦକ୍ଷେପ ନେବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି ବିଶ୍ୱରେ ମହାମାରୀ ପ୍ରଭାବ, ସଂଘର୍ଷ, ବୃଦ୍ଧି ପାଉଥିବା ଉତ୍ତେଜନା ବିଶ୍ୱକୁ ଅସ୍ଥିର କରୁଛି । ଏସବୁକୁ ହ୍ରାସ କରିବା ଲାଗି ଏକ ସାଧାରଣ ଭିତ୍ତିଭୂମି ନିର୍ମାଣ ନିମନ୍ତେ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଏସ୍.ସି.ଓ ଏକ ନୀତିଭିତ୍ତିକ ସଂଗଠନ ଯାହାର ସହମତି ଏହାର ସଦସ୍ୟ ରାଷ୍ଟ୍ରମାନଙ୍କ ଆଭିମୁଖ୍ୟକୁ ଗୁରୁତ୍ୱ ପ୍ରଦାନ କରିଥାଏ ।

## ରଥଯାତ୍ରା

ପବିତ୍ର ରଥଯାତ୍ରା ଅବସରରେ ଆସନ୍ତା ୭ ତାରିଖରେ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର, ଓଡ଼ିଶା ସୂଚନା ଓ ଲୋକସମ୍ପର୍କ ବିଭାଗ ସହଯୋଗରେ ଘୋଷଯାତ୍ରାର ସିଧାପ୍ରସାରଣ କରିବ । ଭୁବନେଶ୍ୱର ଦୂରଦର୍ଶନ କାର୍ଯ୍ୟକ୍ରମ ମୁଖ୍ୟ ଦେବାଶିଷ ହାଲ୍ଦାର କହିଛନ୍ତି, ଉନ୍ନତମାନର ଅତ୍ୟାଧୁନିକ ପ୍ରସାରଣ ଉପକରଣ ଦ୍ୱାରା ଉଚ୍ଚମାନର ଚିତ୍ର ଉତ୍ତୋଳନ କରାଯାଇ ରଥଯାତ୍ରାର ସିଧା ପ୍ରସାରଣ କରାଯିବ । ଡିଡି ଓଡ଼ିଆରେ ଜୁଲାଇ ୭ ତାରିଖ ଦିନ ସକାଳ ୯ଟାରୁ ଓଡ଼ିଆରେ ଏବଂ ସକାଳ ୧୦ଟାରୁ ହିନ୍ଦୀ,

ଇଂରାଜୀ ଏବଂ ସଂସ୍କୃତ ଭାଷାରେ ଏହି ପ୍ରସାରଣ ହେବ । ଡିଡି ଓଡ଼ିଆ ଏବଂ ଡିଡି ନ୍ୟାସନାଲ ୟୁ-ଟ୍ୟୁବ୍ ଚ୍ୟାନେଲରେ ମଧ୍ୟ ସିଧା ପ୍ରସାରଣ କରାଯିବ ।

ନୀତି ଅନୁଯାୟୀ ଶ୍ରୀଜୀଉଙ୍କ ରଥଯାତ୍ରା ଏଥର ୨ଦିନ ଧରି ଅନୁଷ୍ଠିତ ହେଉଥିବାରୁ ଜୁଲାଇ ୮ ତାରିଖ ଦିନ ସକାଳ ୮ଟା ୩୦ରୁ ରଥଟଣାର ସିଧାପ୍ରସାରଣ କରାଯିବ । ସେହିପରି ୯ ତାରିଖରେ ଆଡପମଣ୍ଡପ ବିଜେ, ୧୫ ତାରିଖରେ ବାହୁଡା ଯାତ୍ରା, ୧୬ରେ ସୁନାବେଶ, ୧୭ରେ ଅଧରପଣା ଏବଂ ୧୮ ତାରିଖରେ ନିଳାଦ୍ରୀବିଜେର ଭୁବନେଶ୍ୱର ଦୂରଦର୍ଶନ ପକ୍ଷରୁ ସିଧା ପ୍ରସାରଣ ପାଇଁ ବ୍ୟବସ୍ଥା କରାଯାଇଛି ।

## ହାଥରସ କମିଶନ

ଉତ୍ତରପ୍ରଦେଶ ହାଥରସ ଦଳାଚକଟା ଘଟଣାର ତଦନ୍ତ କରିବା ଲାଗି ଗଠିତ ୩ଜଣିଆ ବିଚାର ବିଭାଗୀୟ କମିଟି ଗତକାଲି ଲକ୍ଷ୍ନୌରେ ପ୍ରଥମ ବୈଠକ କରିଛନ୍ତି । ଏହି ଘଟଣାର ତଦନ୍ତ ଲାଗି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନିର୍ଦ୍ଦେଶକ୍ରମେ ୩ଜଣିଆ କମିଟି ଗଠନ କରାଯାଇଛି । କମିଟିର ମୁଖ୍ୟ ଭାବେ ଆହ୍ଲାବାଦ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି

ବ୍ରିଜେଶ କୁମାର ଶ୍ରୀବାସ୍ତବଙ୍କୁ ଦାୟିତ୍ୱ ଦିଆଯାଇଥିବାବେଳେ ପ୍ରଶାସନିକ ସେବା ଅଧିକାରୀ ହେମନ୍ତ ରାଓ ଏବଂ ଅବସରପ୍ରାପ୍ତ ଆଇପିଏସ୍ ଭବେଶ କୁମାର ଏହାର ସଦସ୍ୟ ଅଛନ୍ତି । ଏହି ଘଟଣାର ତଦନ୍ତ ଲାଗି କମିଶନ ଖୁବ୍‌ଶୀଘ୍ର ହାଥରସ ଘଟଣାସ୍ଥଳ ପରିଦର୍ଶନ କରିବେ ବୋଲି ଜଣାପଡିଛି । ଆସନ୍ତା ୨ ମାସ ମଧ୍ୟରେ ୫ଟି ବିଷୟ ଉପରେ କମିଶନ ତଦନ୍ତ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ଦେବେ । ଗତକାଲି ବୈଠକ ପରେ ଜଷ୍ଟିସ ଶ୍ରୀବାସ୍ତବ କହିଛନ୍ତି ତଦନ୍ତ ରିପୋର୍ଟ ପ୍ରସ୍ତୁତ ଲାଗି ଖୁବ୍ କମ୍‌ସମୟ ଥିବାରୁ କମିଶନ ଘଟଣାର ସବୁଦିଗକୁ ଗୁରୁତ୍ୱର ସହ ବିଶ୍ଳେଷଣ କରିବେ ।

## ପିଏମ୍-ଅଲିମ୍ପିକ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଲମ୍ପିକ୍ସରେ ଭାଗ ନେବା ଲାଗି ଯାଉଥିବା ଭାରତୀୟ ଖେଳାଳିମାନଙ୍କ ସହ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଭାରତୀୟ ଖେଳାଳିମାନେ ଅଲମ୍ପିକ୍ସରେ ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ଭାରତ ପାଇଁ ଗୌରବ

ଆଣିବେ । ସେ କହିଛନ୍ତି ସେମାନଙ୍କ ସଫଳତା ପାଇଁ ୧୪୦ କୋଟି ଭାରତୀୟ ଆଶାବାଦୀ ଅଛନ୍ତି ।

## ଦିବ୍ୟ କଳା ମେଳା

ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଅଧୀନସ୍ଥ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆଜିଠାରୁ ଭୁବନେଶ୍ୱରରେ ଦିବ୍ୟ କଳା ଶକ୍ତି ଓ ଦିବ୍ୟ କଳା ମେଳା ଆୟୋଜିତ ହେବ । ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଏହି କାର୍ଯ୍ୟକ୍ରମ ଚଳିମାସ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ । କେନ୍ଦ୍ର ସାମାଜିକ, ନ୍ୟାୟ ଓ ସଶକ୍ତିକରଣ ରାଷ୍ଟ୍ରମନ୍ତ୍ରୀ ବି.ଏଲ୍.ବର୍ମା ଆଜି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ । ଦିବ୍ୟାଙ୍ଗଜନଙ୍କ ପାଇଁ କାର୍ଯ୍ୟ କରୁଥିବା ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଉତ୍ତରାଖଣ୍ଡ ଓ ଓଡ଼ିଶାର ପ୍ରମୁଖ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ଏହି କାର୍ଯ୍ୟକ୍ରମରେ ଭାଗନେବେ । ଦିବ୍ୟ କଳାଶକ୍ତି କାର୍ଯ୍ୟକ୍ରମରେ ଏହି ୬ଟି ରାଜ୍ୟର ଦିବ୍ୟାଙ୍ଗଜନ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ । ସେହିପରି ଦିବ୍ୟକଳା

ମେଳାରେ ୧୦୯ଜଣ ଦିବ୍ୟାଙ୍ଗ ଶିଳ୍ପୀ, କାରିଗର ଓ ଉଦ୍ୟୋଗୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ପ୍ରଦର୍ଶିତ ହେବ ।